# Akashvani, Sambalpur

## SAMBALPURI NEWS EVENING BULLETIN

## 15 May 2026-7.02- 7.12 pm.

---

୧- ଇନ୍ଧନ୍ ବେଭାର୍ କମାବାର୍ ଲାଗି ଆଭାସୀ ଜରିଏ ଭିନ୍ ଭିନ୍ ମାମ୍ଲାର୍ ଶୁଣାଣି କର୍‌ବାର୍‌କେ ସୁପ୍ରିମ୍‌କୋର୍ଟଙ୍କର୍ ନିଷ୍ପତି ।

୨- ରାଏଜେ ଭର୍‌ପୁର୍ ମାତ୍ରାଥି ପେଟ୍ରୋଲ୍, ଡିଜେଲ୍ ମହଜୁଦ୍ ଥିବାର୍ କହେଲେ ଆଇ.ଓ.ସି.ଏଲ୍. ମୁଖ୍ୟ ପ୍ରବନ୍ଧକ୍ ।

୩- ଆଏବା ମାସ ୨୧ ତାରିଖ୍ ଫେର୍‌ଘାଏ ହେବା ନିଟ୍ ୟୁଜି ପରୀକ୍ଷା- ସୂଚ୍‌ନା ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୪- ରାଏଜେ ଆଏବା ୩୦ ତାରିଖ୍‌ନୁ ମୁଲ୍ ହେବା ଭୋଟର୍ ତାଲିକାଥି ୩ ନମ୍ବର୍ ଖେପ୍ ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ କାର୍ଯ୍ୟକ୍ରମ୍ ।

ଆଉର୍

୫- ରାଜ୍ୟର୍ ସର୍‌କାରୀ କର୍ମଚାରୀମାନ୍‌କର୍ ମହଙ୍ଗଭତା ବଢ୍‌ଲା ୨ ପ୍ରତିଶତ୍ ।

ସୁପ୍ରିମ୍‌କୋର୍ଟ	ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ଭିତ୍‌ରେ ଇନ୍ଧନ୍ ବେଭାର୍ କମ୍ କର୍‌ବାର୍ ଆହ୍ୱାନ୍ ଆଧାର୍‌ଥି ସୁପ୍ରିମ୍‌କୋର୍ଟ ଭିନ୍ ଭିନ୍ ମାମ୍‌ଲାର୍ ଶୁଣାଣି ଆଭାସୀ ଜରିଏ କର୍‌ବାର୍ ଲାଗି ନିଷ୍ପତି ନେଇଛନ୍ । ଇ ବାବ୍‌ଦେ ସୁପ୍ରିମ୍‌କୋର୍ଟ ମହାସଚିବ ଭାରତ୍ ପରାସର୍ ଗୁଟେ ଇସ୍ତାହାର୍ ଜାରି କରିଛନ୍ । ଗାଡ଼ିମଟର୍ ଇନ୍ଧନ୍‌ର ସର୍ବୋଚ୍ଚ ବେଭାର୍‌କେ ସୁନିର୍ଣ୍ଣିତ୍ କର୍‌ବାର୍ ଲାଗି କାର୍ ପୁଲିଂ ବ୍ୟବସ୍ଥାକେ ତହଁକାବାର୍‌କେ ବିଚାର୍‌ପତିମାନେ ସଂକଳ୍ପ ନେଇଥିବା ସୁପ୍ରିମ୍‌କୋର୍ଟଙ୍କର୍ ତର୍‌ଫୁ କୁହାଯାଇଛେ । ସୁପ୍ରିମ୍‌କୋର୍ଟର ଫି’ ବିଭାଗ୍‌ର ୫୦ ପ୍ରତିଶତ୍ କର୍ମଚାରୀମାନ୍‌କୁ ହପ୍ତାକ ୨ ଦିନ୍ ଘରୁ କାମ୍ କର୍‌ବାର୍ ଲାଗି ଅନୁମତି ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଇନ୍ଧନ୍ ବେଭାର୍ କମ୍ କର୍‌ବାର୍ ଆଉ ଅଦର୍‌କାରୀ ଖର୍ଚ୍ଚାକେ ବନ୍ଦ୍ କର୍‌ବାର୍ ଲାଗି ଦେଇଥିବା ଆହ୍ୱାନ୍‌କେ ନଜର୍‌ଥି ରଖିକରି ସୁପ୍ରିମ୍‌କୋର୍ଟଙ୍କର୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ ।

ତେଲ୍ ଦାମ୍ ବଢ଼୍ଲା        ଏନ୍ଏସ୍ଡି

ପଶ୍ଚିମ -ଏସିଆ ସଂଘର୍ଷ ପରିସ୍ଥିତିଥି ବିଶ୍ୱସ୍ତର୍ଥି ଇନ୍ଧନ୍ ଦାମ୍ ବଢ଼ିଥିବାର୍ନୁ ଭାରତ୍ ନ ପେଟ୍ରୋଲ୍ ଆଉ ଡିଜେଲ୍ର ଦାମ୍ ସାମାଏନ୍ ବଢ଼ାଯାଇଛେ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ । ପେଟ୍ରୋଲ୍ ୩ ଦଶ୍ମିକ୍ ୨ ପ୍ରତିଶତ୍ ଆଉ ଡିଜେଲ୍ ୩ ଦଶ୍ମିକ୍ ୪ ପ୍ରତିଶତ୍ତକ୍ ବଢ଼ାଯାଇଛେ । ଦେଶ୍ବାସୀଙ୍କୁ ମୁଦ୍ରାସ୍ଫିତି ଆଉ ଆର୍ଥିକ୍ ଚାପନୁ ସୁରକ୍ଷିତ୍ ରଖ୍ବାର୍ ଲକ୍ଷ୍ୟ ନେଇକରି ସର୍କାରୀ କ୍ଷେତ୍ରର୍ ତେଲ୍ କମ୍ପାନୀମାନେ ବହୁତ୍ କ୍ଷତି ସହୁଛନ୍ ବଲି ଶ୍ରୀ ରିଜିଜୁ କହିଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଜନକଲ୍ୟାଣ୍ ସହେତେ ଆର୍ଥିକ୍ ସ୍ଥିରତାକେ ସନ୍ତୁଳିତ ଢଙ୍ଗେ କାର୍ଯ୍ୟକାରୀ କରାଯାଉଛେ ବଲି ଶ୍ରୀ ରିଜିଜୁ କହିଛନ୍ । ତେଲ୍ କମ୍ପାନୀମାନ୍କର୍ ତର୍ଫୁ ପେଟ୍ରୋଲ୍ ଆଉ ଡିଜେଲ୍ ଦର୍ଥି ୩ ଟଙ୍କା ବଢ଼ାଯାଇଛେ । ଆଉ ଇ ଦାମ୍ ଆଏଜ୍ଠାନୁ ଲାଗୁ ହେଇଛେ ।

ପେଟ୍ରୋଲ୍ ମହଜୁଦ୍        ଆର୍ଏନ୍ୟୁ/ କଟକ୍

ରାଏଜେ ଭର୍ପୁର୍ ମାତ୍ରାଥି ପେଟ୍ରୋଲ୍ ଡିଜେଲ୍ ରହିଛେ ବଲି ଆଇଓସିଏଲ୍ର ମୁଖ୍ୟ ପ୍ରବନ୍ଧକ୍ କମଲ୍ ସିଲ୍ କହିଛନ୍ । ଭୁବ୍ନେଶ୍ୱର୍ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଅଧ୍ୟକ୍ଷତା କରିକରି ଶ୍ରୀ ସିଲ୍ କହିଛନ୍, ଇହାଦେର୍ ପରିସ୍ଥିତିକେ ନଜର୍ଥି ରଖିକରି ଅଏତ୍କାନୁ ଅଏତ୍କା ତେଲ୍ ଆମ୍ଦାନୀ ଉପ୍ରେ ଜୋର୍ ଦିଆଯାଇଛେ । ଗୁଟେ ପେଟ୍ରୋଲ୍ ପମ୍ପ୍ ପାଶେ ୨ ନୁ ୩ ଦିନ୍ ଲାଗି ତେଲ୍ ମହଜୁଦ୍ ଥିସି । ଦେଶେ ୨ ନୁ ୩ ଦିନ୍ ଭିତ୍ରେ ପଟ୍ରୋଲ୍ ବିକ୍ରି ୩୭ ପ୍ରତିଶତ୍ ବଢ଼ିଥିବାର୍ ଶ୍ରୀ ସିଲ୍ ସୂଚ୍ନା ଦେଇଛନ୍ । ଦର୍କାର୍ନୁ ଅଏତ୍କା ତେଲ୍ ନାଇଁ ଘିନ୍ବାର୍କେ ସେ ସାଧାରଣ୍ ଲୁକ୍କୁ ପରାମର୍ଶ ଦେଇଛନ୍ । ତେଲ୍ ଘିନାଥି ଗ୍ରାହକ୍ମାନ୍କର୍ ଲାଗି କେନ୍ସି ପ୍ରକାର୍ର କଟ୍କନା ନାଇଁନ ବଲି ଶ୍ରୀ ସିଲ୍ କହିଛନ୍ ।

ନିଟ୍-ୟୁଜି        ଆର୍ଏନ୍ୟୁ/ କଟକ୍

ସ୍ନାତକ ମେଡ଼ିକାଲ୍ ପରୀକ୍ଷା ଲାଗି ଆଏବା ଜୁନ୍ ୨୧ ତାରିଖ୍ ଦିନ ଫେର୍‌ଘାଏ ନିଟ୍ ୟୁଜି -୨୦୨୬ ପରୀକ୍ଷା ହେବା । ପରୀକ୍ଷା ପରିଚାଲନା ପ୍ରସ୍ତୁତି କେ ନେଇକରି ଗଲା ରାତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଥିଲା । ଜାତୀୟ ପରୀକ୍ଷଣ୍ ସଂସ୍ଥା- ଏନ୍‌ଟିଏ ତର୍‌ଫୁ ହେବାର୍‌କେ ଥିବାର୍ ପରୀକ୍ଷାର୍ ଠିକ୍ ପରିଚାଲନା ଆଉ ଭିନ୍ ଭିନ୍ ଦିଗ୍ ଉପ୍‌ରେ ବୈଠକ୍‌ଥି ବିସ୍ତୃତ୍ ଆଲୋଚନା କରାଯାଇଛେ । ନୂଆଦିଲ୍ଲୀ ଠାନେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଶିକ୍ଷା କ୍ଷେତ୍ରକେ ସର୍‌କାର୍ ପ୍ରାଥମିକତା ଦେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ସମ୍ବେଦନ୍‌ଶୀଲ୍ ଅଛନ୍ । ଫେର୍‌ଘାଏ ପରୀକ୍ଷା ଲାଗି ଆଏବା ମାସ ୧୪ ତାରିଖ୍‌ତକ୍ ପରୀକ୍ଷାର୍ଥୀମାନେ ପ୍ରବେଶ୍‌ପତ୍ର ପାଇପାର୍‌ବେ । ନିଟ୍ ୟୁଜି ପରୀକ୍ଷା ଆଏବା ବଛର୍‌ନୁ ଓଏମ୍‌ଆର୍ ଆଧାରିତ୍ ମୋଡ୍ ବଦ୍‌ଲେ କମ୍ପ୍ୟୁଟର୍ ଆଧାରିତ୍ ସିବିଟି ମୋଡ୍‌ଥି କରାଯିବା । ଏନ୍‌ଟିଏଥି ସଂସ୍କାର୍‌ର ଆବଶ୍ୟକତା ରହିଛେ । ଆଉ ଭବିଷ୍ୟତ୍‌ଥି ଏନ୍ତା ଅନିୟମିତତା ରୁକ୍‌ବାର୍ ଲାଗି ଅଏତ୍‌କା କଡ଼ା ପଦକ୍ଷେପ୍ ଗ୍ରହଣ୍ କରାଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ପ୍ରଶ୍ନପତ୍ର ଲିକ୍

ଆଘୋନୁ ହେଇଥିବା ଇ ପରୀକ୍ଷାର୍ ସିବିଆଇ ତଦନ୍ତ ଉପ୍‌ରେ ଶ୍ରୀ ପ୍ରଧାନ୍ କହିଛନ୍,

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଗଲାକାଏଲ୍ ହେଇଥିବା ବୈଠକ୍‌ଥି ଉଚ୍ଚଶିକ୍ଷା ସଚିବ, ସ୍କୁଲ୍ ଶିକ୍ଷା ସଚିବ, ଏନ୍‌ଟିଏର ମହାନିର୍ଦ୍ଦେଶକ୍, ସିବିଏସ୍‌ଇ ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍ ଆଉ ନବୋଦୟ ବିଦ୍ୟାଳୟ ସମିତିର୍ କମିଶନର୍‌ଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ପଦାଧିକାରୀ ଉପସ୍ଥିତ୍ ଥିଲେ । ଏନ୍‌ଟିଏ ତର୍‌ଫୁ ପରିଚାଳନା କରାଯାଉଥିବା ଇ ପରୀକ୍ଷା ଆଘ୍‌ରୁ ଗଲା ୩ ତାରିଖ୍ ହେଇଥିବାର୍ ବେଲେ ପ୍ରଶ୍ନପତ୍ର ଲିଖ୍ ଲାଗି ଇତାକେ ବାତିଲ୍ କରାଯାଇଛେ ।

ଏସ୍.ଆଇ.ଆର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୩୦ ତାରିଖ୍‌ନୁ ଭୋଟର୍ ତାଲିକାଥି ୩ ନମ୍ବର୍ ଖେପ୍ ସ୍ୱତନ୍ତ୍ର ସଘନ ସଂଶୋଧନ୍ ଏସ୍‌ଆଇଆର୍ କାର୍ଯ୍ୟକ୍ରମ୍ ମୁଲ୍ ହେବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍.

ଗୋପାଲନ୍ କହିଛନ୍ । ଭୁବ୍ନେଶ୍ୱର୍ ରାଜ୍ୟ ନିର୍ବାଚନ୍ କାର୍ଯ୍ୟାଳୟ ନ ହେଇଥିବା ସାମ୍ବାଦିକ୍ ସମ୍ମିଳନୀଥି ପ୍ରତିକ୍ରିୟା ରଖିକରି ଶ୍ରୀ ଗୋପାଲନ୍ କହିଛନ୍, ପ୍ରସ୍ତୁତି, ପ୍ରଶିକ୍ଷଣ୍ ଆଉ ମୁଦ୍ରଣ କାମ୍ ଆଏବା ୨୦ ନୁ ୨୯ ତାରିଖ୍ତକ୍ ଚାଲ୍ବା । ଇହାଦେ ଓଡ଼ିଶା ନ ୩ କୋଟି ୩୪ ଲାଖ୍ ଭୋଟର୍ ରହିଛନ୍ । ଭୋଟର୍ ତାଲିକାନୁ ୯ ଲାଖ୍ ନୁ ଅଏତ୍କା ଭୋଟର୍ ବାଦ୍ ପଡ଼ିଛନ୍ । ଇ ସମିଆ ଭିତ୍ରେ ୯୪ ଦଶ୍ମିକ୍ ୬/୧ ପ୍ରତିଶତ୍ ମେପିଂ ଶେଷ୍ ହେଇଛେ । ଏସ୍ଆଇଆର୍ ଲାଗି ୪୫ ହଜାର୍ ୨ ଶହ ୫୫ ଟା ବୁଥ୍ କରାଯିବା । ଆଏବା ମାସ ୩୦ ତାରିଖ୍ନୁ ବୁଥ୍ସ୍ତରୀୟ ଅଧିକାରୀମାନେ ଘର୍ ଘର୍ ଯାଇକରି ସର୍ଭେ କର୍ବେ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

(ଭଏସ୍ ଓଭର୍- ଆର୍.ଏସ୍. ଗୋପାଲନ)

ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ଓଡ଼ିଶା ସହେତେ ୧୬ ଟା ରାଜ୍ୟ ଆଉ ୩ ଟା କେନ୍ଦ୍ରଶାସିତ୍ ଅଂଚଲ୍ ନ ଏସ୍ଆଇଆର୍ କାର୍ଯ୍ୟକ୍ରମ୍ ମୁଲ୍ ହେବା ବଲି ଗଲାକାଏଲ୍ ବିଜ୍ଞପ୍ତି ବାହାରିଥିଲା ।

ମହଙ୍ଗାଭତା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ସର୍କାରୀ କର୍ମଚାରୀମାନ୍କର୍ ମହଙ୍ଗଭତାକେ ରାଜ୍ୟ ସର୍କାର୍ ୨ ପ୍ରତିଶତ୍ ବଢ଼େଇଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଘୋଷ୍‌ନା କରିଛନ୍ । ଇଥିର୍‌ଲାଗି ସର୍କାରୀ କର୍ମଚାରୀମାନ୍କର୍ ମହଙ୍ଗାଭତା ୫୮ ପ୍ରତିଶତ୍‌ନୁ ୬୦ ପ୍ରତିଶତ୍‌କେ ବଢ଼ିଛେ । ଇଟା ୨୦୨୬ ଜାନୁଆରୀ ୧ ତାରିଖ୍‌ନୁ ପିଛିଲା ଭାବେ ଲାଗୁ ହେବା ଆଉ ଇ ମେ ମାସର୍ ଦର୍‌ମାଥି ନଗଦ୍ ଆକାରେ ମିଲ୍‌ବା । ଇଟାର୍‌ସହେତେ ପେନ୍‌ସନ୍‌ଭୋଗୀ ମାନ୍କର୍ ଟିଆଇ ଭିଲ୍ ୨ ପ୍ରତିଶତ୍ ବଢ଼ାଯାଇଛେ । ଇ ନିଷ୍ପତି ଲାଗି ରାଜ୍ୟର୍ ପାଖାପାଖି ସାଢ଼େ ୮ ଲାଖ୍ ସର୍କାରୀ କର୍ମଚାରୀ ଆଉ ପେନ୍‌ସନ୍ ଭୋଗୀ ଉପକୃତ୍ ହେବେ ।

ବଦ୍‌ଲି ଆଉ ରୋଟେସନ୍ ଆଇ.ଆଣ୍ଡ୍.ପି.ଆର୍

ରାଜସ୍ୱ ପ୍ରଶାସନ୍ ଅଧୀନ୍‌ଥି କାମ୍ କରୁଥିବା ମନ୍ତ୍ରଣାଳୟ କର୍ମଚାରୀ ଆଉ କ୍ଷେତ୍ରସ୍ତରୀୟ କର୍ମଚାରୀମାନ୍କର୍ ବଦ୍‌ଲି ଆଉ

ରୋଟେସନ୍ ପ୍ରକ୍ରିୟାକେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କର୍‌ବାର୍ ଲାଗି ସବୁ ଜିଲ୍ଲାପାଲ୍‌ମାନ୍‌କୁ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଜାରି କରାଯାଇଛେ । ଇ ବାବ୍‌ଦେ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଜରିଏ ଜନେଇ ଦେଇଛନ୍ । ରାଜସ୍ୱ ବିଭାଗ୍ ତର୍‌ଫୁ ଜାରି ହେଇଥିବା ନିର୍ଦ୍ଦେଶ୍ ଅନ୍‌ସାରେ ବିଭାଗ୍ ନ କାମ୍ କରୁଥିବା ଭିନ୍ ଭିନ୍ କର୍ମଚାରୀମାନେ ଗୁଟେ କାର୍ଯ୍ୟାଳୟନୁ ୩ ବଛର୍‌ନୁ ଅଏତ୍‌କା ସମିଆ ଧରିକରି କାର୍ଯ୍ୟରତ ଅଛନ୍ । ସେମାନ୍‌କର୍ ବଦ୍‌ଲି ଆଉ ରୋଟେସନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲାପାଲ୍, ଉପଜିଲ୍ଲାପାଲ୍, ବ୍ଲକ୍ ଆଉ ତହସିଲ୍ କାର୍ଯ୍ୟାଳୟ ନ ପ୍ରଶାସନିକ୍ ସ୍ୱଚ୍ଛତା ଆଉ ପାରଦର୍ଶିତା ବଜାୟ ରଖିବାର୍ ଇତାର୍ ମୁଲ୍ ଉଦ୍ଦେଶ୍ୟ ଆଏ । ସବୁ ଜିଲ୍ଲାପାଲ୍‌ମାନ୍‌କୁ ଆଏବା ଜୁନ୍ ୧୫ ତାରିଖ୍‌ତକ୍ ସବୁ ବଦ୍‌ଲି ଆଉ ରୋଟେସନ୍ ପ୍ରକ୍ରିୟା ଶେଷ୍ କର୍‌ବାର୍‌କେ କଡ଼ା ନିର୍ଦ୍ଦେଶ୍ ଦିଆଯାଇଛେ ।

## ରଥଯାତ୍ରା ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ରଥଯାତ୍ରାକେ ଶାନ୍ତିଶୃଙ୍ଖଲାର୍ ସହେତେ କର୍ବାର୍ ଲାଗି ଆଏଜ୍ ପୁରୀ ଟାଉନ୍ ହଲ୍ ନ ଜିଲ୍ଲା ପ୍ରଶାସନ୍ ତର୍ଫୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ମାନ୍‌କର୍ ସାଙ୍ଗେ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ସ୍ୱେଚ୍ଛାସେବୀ ମାନ୍‌କର୍ ନିଷ୍ଠାପର୍ ସେବାକେ ପ୍ରଶଂସା କର୍ବାର୍ ସହେତେ ଇ ବଛର୍ ଭିଲ୍ ସେବା ଯୁଗେଇ ଦେବାର୍‌କେ ଅନୁରୋଧ୍ କରିଛନ୍ । ସ୍ୱାସ୍ଥ୍ୟସେବା, ଆମ୍ବୁଲେନ୍ସ, ପିଇବାର୍ ପାଏନ୍ ବଂଟନ୍, ପରିମଳ ଆଉ ଶାନ୍ତି ଶୃଙ୍ଖଳା ରକ୍ଷା ବାଗିର୍ ଭିନ୍ ଭିନ୍ ବିଷେ ଉପ୍ରେ ବୈଠକ୍‌ଥି ଆଲୋଚନା ହେଇଛେ ।

ପରାମର୍ଶ ବୈଠକ୍        ସମ୍ବଲପୁର ସମ୍ବାଦଦାତା

ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ଓଡ଼ିଶା ଆଉ ନେଦର୍‌ଲେଣ୍ଡ୍ ସର୍କାର୍‌ଙ୍କର୍ ମିଳିତ୍ ସହଯୋଗ୍‌ଥି ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କର୍ ସମ୍ମିଳନୀ କକ୍ଷ ନ ସମ୍ବଲ୍‌ପୁର୍,

ଦେବ୍‌ଗଡ଼୍ ଆଉ ବର୍‌ଗଡ଼୍ ଜିଲ୍ଲାର୍ ହିତାଧିକାରୀମାନ୍‌କର୍ ସହେତେ ଘରୋଇ ହିଂସା ସମାଧାନ୍‌କେ ନେଇକରି ଗୁଟେ ପରାମର୍ଶ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପୁଲିସ୍, ଡାକ୍ତର୍, ଆଇନ୍‌ଜୀବୀ, ଅଧ୍ୟାପକ, ଆଶାଦିଦି, ଅଙ୍ଗନବାଡ଼ି କର୍ମୀ, ସଖୀ କେନ୍ଦ୍ର ଆଉ ଶକ୍ତି ସଦନ୍ ସଂଯୋଜିକା ଆଉ ମହିଳା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟମାନେ ଯୋଗ୍ ଦେଇକରି ମହିଳା ହିଂସା ରୁକ୍‌ବାର୍ ଉପ୍‌ରେ ମତ ରଖିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଭାରତ୍‌କେ ଆଏବାର୍ ଲାଗି ପାଗ୍ ଅନୁକୂଳ ହେଉଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବକାଏଲ୍‌ତକ୍ ଦକ୍ଷିଣ୍ ବଙ୍ଗୋପ୍‌ସାଗର୍ ଆଉ ଆଣ୍ଡାମାନ୍ ନିକୋବର୍ ଦ୍ୱୀପପୁଞ୍ଜର୍ କିଛି ଇଲାକାକେ ମୌସୁମୀ ପୁହୁଁଚିବାର୍ ସମ୍ଭାବନା ଅଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର

ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଗଲା ୨୪ ଘଂଟା ଭିତ୍ରେ ବଲାଙ୍ଗିର୍ ଜିଲ୍ଲାର୍ ପାଟ୍ନାଗଡ୍ ନ ସବୁନୁ ଅଏତ୍କା ୨୩ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ ।